# ପୋସ୍କୋ ଜନଶୁଣାଣିରୁ ଶିକ୍ଷା- ଜଣେ ପ୍ରତ୍ୟକ୍ଷଦର୍ଶୀଙ୍କ ଅନୁଚିନ୍ତା (୩)

## ଜନଶୁଣାଣିର ବିବରଣୀ ପ୍ରକାଶନରେ ବିଳମ୍ବ କାହିଁକି ?

ଏହି ଲେଖାଟି ଲେଖିବା ବେଳକୁ (୨୩ ଏପ୍ରିଲ୍) କୁଜଙ୍ଗଠାରେ ଅନୁଷ୍ଠିତ ହୋଇଥିବା ପୋସ୍କୋ ଜନଶୁଣାଣିର ୮ ଦିନ ବିତିଗଲାଣି । କେନ୍ଦ୍ର ସରକାରଙ୍କ ଯେଉଁ ନୂଆ ନିୟମ ବଳରେ ଏହି ଜନଶୁଣାଣିଟି ଆୟୋଜିତ ହେଲା, ସେହି ନିୟମ (ପରିପାର୍ଶ୍ୱ ପ୍ରଭାବ ଅନୁଧ୍ୟାନ ବିଜ୍ଞପ୍ତି ୨୦୦୬) ଅନୁଯାୟୀ ଜନଶୁଣାଣିର ୮ ଦିନ ଭିତରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଏହାର ବିବରଣୀକୁ ନିୟନ୍ତ୍ରକ କର୍ତ୍ତୃପକ୍ଷ ଅର୍ଥାତ୍ କେନ୍ଦ୍ର ପରିବେଶ ମନ୍ତ୍ରଣାଳୟଙ୍କ ନିକଟକୁ ପଠାଇବା କଥା (ଦ୍ରଷ୍ଟବ୍ୟ- ପରିଶିଷ୍ଟ ୪, ଅନୁଚ୍ଛେଦ ୭.୧) ତଥା ଏହାକୁ ସଂପୃକ୍ତ ପଞ୍ଚାୟତସମୂହ ସମେତ ଜିଲ୍ଲା ପରିଷଦ, ଜିଲ୍ଲାପାଳ ଏବଂ ନିଜର କାର୍ଯ୍ୟାଳୟଗୁଡିକରେ ସୁଦୃଶ୍ୟ ଭାବେ ପ୍ରଦର୍ଶନ କରିବା କଥା ତଥା ସର୍ବସାଧାରଣଙ୍କ ଅବଗତି ନିମିତ୍ତ ନିଜ ୱେବ୍‌ସାଇଟ୍‌ରେ ସ୍ଥାନିତ କରବେ, ଯାହାଫଳରେ ବିବରଣୀଟି ସତ୍ୟନିଷ୍ଠ ଭାବେ ଲିଖିତ ହୋଇଛି କି ନାହିଁ, ସେ ସମ୍ବନ୍ଧରେ ଆଗ୍ରହୀ ବ୍ୟକ୍ତିମାନେ ସିଧାସଳଖ କେନ୍ଦ୍ର ସରକାରଙ୍କୁ ନିଜର ଟିପ୍‌ପଣୀ ପଠାଇପାରିବେ (ଦ୍ରଷ୍ଟବ୍ୟ- ଅନୁଚ୍ଛେଦ ୬.୬) । କିନ୍ତୁ କ୍ଷୋଭର ବିଷୟ, ବୋର୍ଡ ଜନଶୁଣାଣି ପୂର୍ବରୁ ସଂପୃକ୍ତ ପଞ୍ଚାୟତଗୁଡିକୁ ପୋସ୍କୋ-ପ୍ରସ୍ତୁତ ଚିଠା-ବିବରଣୀକୁ ନପଠାଇ ଯେଉଁ ପ୍ରକାର ଉଲ୍ଲଂଘନ କରିଥିଲେ, ବର୍ତ୍ତମାନ ଜନଶୁଣାଣିର କାର୍ଯ୍ୟବିଧି ବିବରଣୀକୁ ସେମାନଙ୍କ ପାଖକୁ ନପଠାଇ ଠିକ୍ ସେହିପ୍ରକାର ଉଲ୍ଲଂଘନ କରୁଛନ୍ତି । ମନେହୁଏ, ଜନଶୁଣାଣି ସମ୍ବନ୍ଧରେ ୧୯୯୪ ବିଜ୍ଞପ୍ତି ଅନୁଯାୟୀ ଅଦ୍ୟାବଧି ଚଳିଆସୁଥିବା ପ୍ରଥା, ଯାହାକି ଗୋପନୀୟତା ଉପରେ ଆଧାରିତ ଥିଲା, ତଦ୍ୱାରା ରାଜ୍ୟ ବୋର୍ଡ ଏବଂ ସରକାରୀ କର୍ତ୍ତୃପକ୍ଷମାନେ ଏବେବି ଏପରି ନିବିଡଭାବେ ଅଭ୍ୟସ୍ତ ହୋଇପଡିଛନ୍ତି ଯେ, ଜନଗଣଙ୍କ ସାମନାରେ ନିଜ ଆଚରଣର ସ୍ୱଚ୍ଛତାରକ୍ଷା ଉପରେ ପ୍ରାଧାନ୍ୟ ଦେଇଥିବା ନୂତନ ବିଜ୍ଞପ୍ତି-୨୦୦୬ର ଭାଷା କି ଭାବକୁ ହଜମ କରିବା କି ଅମଳ କରିବା ସେମାନଙ୍କୁ ଅଡୁଆ ଲାଗୁଛି । କିନ୍ତୁ ଏକଥା ସତ, ସେମାନେ ଯେ ପର୍ଯ୍ୟନ୍ତ ପ୍ରଚଳିତ ବିଧିବ୍ୟବସ୍ଥାକୁ ଉଲ୍ଲଂଘନ କରି ଲୋକଙ୍କ ସହ ଏପରି ଲୁଚକାଳି ଖେଳୁଥିବେ, ସେପର୍ଯ୍ୟନ୍ତ ଆମ ଦେଶରେ ତଥା ରାଜ୍ୟରେ ପୋସ୍କୋ ଭଳି ଏକ ସୁବୃହତ୍ ବୈଦେଶିକ ପ୍ରକଳ୍ପର ଭବିଷ୍ୟତ ଦିନକୁ ଦିନ ଅଧିକ ଅନିଶ୍ଚୟତା ଭିତରକୁ ଠେଲି ହୋଇଯାଉଥିବ ।

## ଜନଶୁଣାଣିର ପରିଚାଳନା ପଦ୍ଧତି ଭୁଲ୍ ଥିଲା

ଓଡିଆରେ ଗୋଟିଏ କଥା ଅଛି, ଅତି ଭଲ ପାଇବା ଡାହାଣୀର ଲକ୍ଷଣ । ପୋସ୍କୋ ଆଗରେ ନିଜକୁ ଖୋଲପଣ ସ୍ତାବକ ବୋଲି ଦେଖେଇ ହେବାକୁ ଯାଇ ଜିଲ୍ଲା ପ୍ରଶାସନ ତରଫରୁ ଯେଉଁ ଏ.ଡି.ଏମ୍. ଶ୍ରୀ ଦିଲ୍ଲୀପ କୁମାର ମହାନ୍ତି ଜନଶୁଣାଣିରେ ଅଧ୍ୟକ୍ଷତା କରୁଥିଲେ, ସେ ବାରମ୍ବାର ଗୋଟିଏ ନିୟମବିରୁଦ୍ଧ କଥା କହୁଥିଲେ, ଯାହାକି ଲୋକଙ୍କୁ ଉଭୟ ସରକାର ଓ ପୋସ୍କୋ ବିରୁଦ୍ଧରେ ଯିବାପାଇଁ ଉସ୍‌କାନି ଦେଉଥିଲା । ସେ କହୁଥିଲେ, 'ଏହି ଜନଶୁଣାଣି କେବଳ ପରିବେଶ ଉପରେ ଡକାହୋଇଛି, ତେଣୁ ବକ୍ତାମାନେ ଅନ୍ୟ ବିଷୟ ଆଡକୁ ଯିବା ଉଚିତ୍ ନୁହେଁ' । ଯଦି ଜଣେ ବକ୍ତା ବିସ୍ଥାପନ ଜନିତ ସମସ୍ୟା ବିଷୟରେ କିଛି କହୁଥିଲେ, ଶ୍ରୀ ମହାନ୍ତି ଠିକ୍ ତା' ପରେ ତାଙ୍କର ପୂର୍ବୋକ୍ତ ଚେତାବନୀକୁ ଦୋହରାଉଥିଲେ । କେତେକ ବକ୍ତା (ଯଥା- ଶ୍ରୀ ଜୀବନ ବେହେରା) ଏ.ଡି.ଏମ୍.ଙ୍କ ଏହି ଉଦ୍ଭଟ ବକ୍ତବ୍ୟର ପ୍ରତ୍ୟୁତ୍ତରରେ କହିଥିଲେ ଯେ, "ବିସ୍ଥାପିତ ଲୋକଙ୍କ ଦୃଷ୍ଟିରେ 'ପରିବେଶ'ର ମାନେ ହେଲା ପୋସ୍କୋ ହେବା ଫଳରେ ସେମାନେ କ'ଣ ହରାଇବେ, କ'ଣ ପାଇବେ ? ଏଠାରୁ ବାସ୍ତୁହରା ହେଲାପରେ କେଉଁଠି ମୁଣ୍ଡ ଗୁଞ୍ଜିବେ, ଇତ୍ୟାଦି, ଇତ୍ୟାଦି; ଏସବୁ ସମସ୍ୟାକୁ ଛାଡି 'କେବଳ ପରିବେଶ' ଉପରେ ଆଲୋଚନା କରିବାର ମାନେ କ'ଣ" ? ଏହି ଲେଖକ ମତରେ ନୋଳିଆ ଗାଁର ଶ୍ରୀ ଜୀବନ ବେହେରା ହିଁ ଆଇନ୍‌ସଙ୍ଗତ କଥା କହୁଥିଲେ, ଏ.ଡି.ଏମ୍. ଶ୍ରୀ ମହାନ୍ତି ନୁହଁନ୍ତି । କାରଣ, ବିଜ୍ଞପ୍ତି-୨୦୦୬ର ପରିଶିଷ୍ଟ-୩ରେ ପାରିପାର୍ଶ୍ୱିକ ପ୍ରଭାବ ଅନୁଧ୍ୟାନ ବିବରଣୀର ପ୍ରସ୍ତୁତି ପାଇଁ ଯେଉଁ ୧୨ଦଫା ବିଶିଷ୍ଟ ଆଦର୍ଶ ରୂପରେଖ ଦିଆଯାଇଛି, ଏବଂ ଯାହାକୁ ଭିତ୍ତି କରି ଜନଶୁଣାଣି ହେବା କଥା, ତହିଁର ସପ୍ତମ ଦଫାରେ ଉଲ୍ଲେଖ ଅଛି- ସର୍ବସାଧାରଣଙ୍କ ସହ ପରାମର୍ଶ, ଆଶଙ୍କାଗୁଡିକର ମୂଲ୍ୟାୟନ, ସାମାଜିକ ପ୍ରଭାବ ଅନୁଧ୍ୟାନ ତଥା ପୁନର୍ବାସ ଓ ପୁନଃସଂସ୍ଥାନ ଯୋଜନାମାନ । ଅର୍ଥାତ୍, ଏସବୁ ବିଷୟରେ ପ୍ରକଳ୍ପ ପ୍ରସ୍ତାବକ ତାଙ୍କ ଚିଠା-ବିବରଣୀରେ କ'ଣ କହିଛନ୍ତି ଓ ସେଥିନେଇ ଲୋକମାନଙ୍କ ପ୍ରତିକ୍ରିୟା କ'ଣ, ତାହା ଜନଶୁଣାଣିରେ ସ୍ଥାନ ପାଇବା ବିଧେୟ । ଆହୁରି ବଡ ବିସ୍ମୟର କଥା, ଅଧ୍ୟକ୍ଷ ଏ.ଡି.ଏମ୍. ଜନଶୁଣାଣିର ବିଷୟବସ୍ତୁ ସମ୍ବନ୍ଧରେ ତାଙ୍କର ମନଗଢା ବ୍ୟାଖ୍ୟା ଦେଉଥିଲା ବେଳେ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ତରଫରୁ ଏହାକୁ ପରିଚାଳନା କରୁଥିବା ବରିଷ୍ଠ ବୈଜ୍ଞାନିକ ଡକ୍ଟର ଡି.କେ.ରାଉତ୍ ସଂପୂର୍ଣ୍ଣ ଭାବେ ନୀରବ ରହୁଥିଲେ, ଏବଂ ଯାହା ଜଣାପଡୁଥିଲା, ସେ ମଧ୍ୟ ଅଧ୍ୟକ୍ଷ ଏ.ଡି.ଏମ୍.ଙ୍କ ଏତାଦୃଶ ଅପବ୍ୟାଖ୍ୟା ସହିତ ଏକମତ ଥିଲେ ।

## ପୋସ୍କୋ ରିପୋର୍ଟରୁ ବିସ୍ଥାପନ ସମସ୍ୟା ଉଭାନ୍

କେବଳ ବିଜ୍ଞପ୍ତି-୨୦୦୬ ନୁହେଁ, ପୂର୍ବବର୍ତ୍ତୀ ବିଜ୍ଞପ୍ତି-୧୯୯୪ ମଧ୍ୟ 'ପରିବେଶୀୟ ପ୍ରଭାବ'ର ସଂଜ୍ଞା ଭିତରେ ବିସ୍ଥାପନ ସମସ୍ୟାକୁ ସ୍ୱତନ୍ତ୍ର ସ୍ଥାନ ଦେଇଥିଲା । ଉଦାହରଣ ସ୍ୱରୂପ, ବିଜ୍ଞପ୍ତି-୧୯୯୪ ସହିତ ସଂଲଗ୍ନ ହୋଇଥିବା ଦରଖାସ୍ତ ଫର୍ମ-'ଏ'ରେ ଦଶମ ସ୍ତମ୍ଭ ଅନୁଯାୟୀ ପ୍ରକଳ୍ପ-ପ୍ରସ୍ତାବକ କେଉଁସବୁ ଗ୍ରାମ ଓ ଜନଗୋଷ୍ଠୀ ବିସ୍ଥାପିତ ହେବେ ଏବଂ ସେମାନଙ୍କ ଥଇଥାନ ପାଇଁ କି ମାଷ୍ଟର ପ୍ଲାନ୍ କରାଯାଇଛି, ସେ ବିଷୟରେ ସୂଚନା ପ୍ରଦାନ କରିବେ, ଯାହାକି ପରିବେଶୀୟ ମଞ୍ଜୁରି ଦେବା ପୂର୍ବରୁ ବିଚାରକୁ ନିଆଯିବ । କିନ୍ତୁ ବଡ ବିସ୍ମୟର କଥା, ପୋସ୍କୋ-ପ୍ରସ୍ତୁତ ଚିଠା-ବିବରଣୀ, ଯାହାକୁ ବୋର୍ଡ ତାଙ୍କ ୱେବ୍‌ସାଇଟ୍ ମାଧ୍ୟମରେ ପ୍ରସାର କରିଥିଲେ, ସେଥିରେ ବିସ୍ଥାପିତମାନଙ୍କ ଥଇଥାନ ପ୍ରଶ୍ନକୁ ନଗ୍ନଭାବେ ଏଡାଇ ଦିଆଯାଇଛି । ଏହାର ଦ୍ୱିତୀୟ ଖଣ୍ଡର ପୃଷ୍ଠା ଏଫ୍-୧୮୦ ଅନ୍ତର୍ଗତ ଅନୁଚ୍ଛେଦ ୧.୪.୧.ରେ ସ୍ପଷ୍ଟଭାବେ କୁହାଯାଇଛି ଯେ, ପ୍ରକଳ୍ପ ପାଇଁ ଜମି ଅଧିଗ୍ରହଣ ଯୋଗୁଁ ପ୍ରଭାବିତ ପରିବାରମାନଙ୍କ ପୁନର୍ବାସ ଓ ପୁନଃସଂସ୍ଥାନ ବ୍ୟବସ୍ଥାକୁ ଏହି ବିବରଣୀରୁ ବାଦ ଦିଆଯାଇଛି ଏବଂ ଏହା ଅନ୍ୟ ବିଶେଷଜ୍ଞଙ୍କ ଦ୍ୱାରା ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ କରାଯିବ । ପୁଣି ଓଡିଆରେ ପ୍ରସାରିତ ହୋଇଥିବା ସାରାଂଶ ବିବରଣୀର ପୃଷ୍ଠା-୩୪ରେ ସୂଚୀତ ହୋଇଛି ଯେ, ଢିଙ୍କିଆ, ଗୋବିନ୍ଦପୁର, ନୂଆଗାଁ, ପୋଲାଙ୍ଗ, ଭୂୟାଁପାଳ ଏବଂ ନୋଳିଆସାହି ଆଦି ୬ଟି ପ୍ରଭାବିତ ଗାଁର ମୋଟ ୪୭୧ଟି ପରିବାର ବିସ୍ଥାପିତ ହେବେ, କିନ୍ତୁ ଏହି ସଂଖ୍ୟାମଧ୍ୟରୁ କେଉଁ ଗାଁର କେତେ ପରିବାର ବିସ୍ଥାପିତ ହେବେ, ତହିଁର ନିର୍ଦ୍ଦିଷ୍ଟ ପରିସଂଖ୍ୟାନ କୌଣସି ଜାଗାରେ ଦିଆଯାଇନି । ସେଦିନ ଜନଶୁଣାଣିର ଜନୈକ ବକ୍ତା ଗଡକୁଜଙ୍ଗ ନିବାସୀ ଶ୍ରୀ ବଟକୃଷ୍ଣ ସାହୁଙ୍କ କହିବା ଅନୁଯାୟୀ ଉପରୋକ୍ତ ସଂଖ୍ୟାଠାରୁ ୩

ପଞ୍ଚାୟତର ବହୁଗୁଣିତ ପରିବାର ବିସ୍ଥାପିତ ହେବେ । ସୁତରାଂ ପ୍ରଶ୍ନ ଉଠୁଛି, ଯେଉଁ ବିବରଣୀ ଏପରି ଉପରଠାଉରିଆ ଢଙ୍ଗରେ ବିସ୍ଥାପିତଙ୍କ ସମ୍ବନ୍ଧରେ ତଥ୍ୟ ଦେଇଛି ତଥା ଜାଣିଶୁଣି ଥଇଥାନ ପ୍ରଶ୍ନକୁ ଏଡାଇଯାଇଛି, ସେହି ଦଲିଲ୍‌କୁ ଜନଶୁଣାଣି ପାଇଁ ଉଭୟ କେନ୍ଦ୍ରୀୟ ଓ ରାଜ୍ୟ କର୍ତ୍ତୃପକ୍ଷଗଣ ସୁପାରିଶ୍ କଲେ କେମିତି ?

### ମିଥ୍ୟାଶ୍ରୟୀ ପୋସ୍କୋ ରିପୋର୍ଟ

ପୋସ୍କୋ-ପ୍ରସ୍ତୁତ ପରିବେଶୀୟ ପ୍ରଭାବ ଅନୁଧ୍ୟାନ ବିବରଣୀରେ ଆଉ ଏକ ଡାହାମିଛ ସ୍ଥାନ ପାଇଛି । ଇସ୍ପାତ କାରଖାନା ସଂପର୍କୀତ ବିବରଣୀର ୨ୟ ଖଣ୍ଡରେ ଅନୁଧ୍ୟାନ ଅଞ୍ଚଳର ସାମାଜିକ-ଆର୍ଥିକ ସ୍ଥିତି ଉପରେ ଏକ ବିସ୍ତୃତ ଅଧ୍ୟାୟ ଅନ୍ତର୍ଭୁକ୍ତ ରହିଛି । ଏଥିରେ ପୃଷ୍ଠା ଏଫ୍-୧୮୨ରେ କୁହାଯାଇଛି ଯେ, ଅନୁଧ୍ୟାନ ଅଞ୍ଚଳର ମୋଟ୍ ୬୩ ଟି ଗାଁକୁ ଦଳଦଳ ହୋଇ ସର୍ବେକ୍ଷଣ କର୍ମୀମାନେ ପ୍ରତ୍ୟକ୍ଷ ଭାବେ ପରିଦର୍ଶନ କରି ବିଭିନ୍ନ ପ୍ରକାର ପ୍ରାଥମିକ ତଥ୍ୟମାନ ସଂଗ୍ରହ କରିଛନ୍ତି ଏବଂ ସଂଗୃହୀତ ତଥ୍ୟଗୁଡିକର ସତ୍ୟାସତ୍ୟ ନିର୍ଣ୍ଣୟ ପାଇଁ ପ୍ରତି ଗାଁରେ ଗୋଟିଏ ଲେଖାଁ ଦଳଗତ ଆଲୋଚନା ବୈଠକ ଆୟୋଜନ କରିଛନ୍ତି ଏବଂ ଏହି ବୈଠକରେ ଗାଁର ମୁଖିଆବ୍ୟକ୍ତି, ପଞ୍ଚାୟତ ନେତୃବୃନ୍ଦ, ଅଙ୍ଗନବାଡି କର୍ମୀ ତଥା ସ୍ୱେଚ୍ଛାସେବୀ ସଂଗଠନର କର୍ମୀମାନଙ୍କ ସମେତ ଗାଁର ବିଭିନ୍ନ ଗୋଷ୍ଠୀ ର ପ୍ରତିନିଧିମାନେ ଭାଗ ନେଇଥିଲେ ଏବଂ ବିଭିନ୍ନ ବିଷୟରେ ଖୋଲାଖୋଲି ଆଲୋଚନା କରିଥିଲେ । ଏକଥା କ'ଣ ସତ ? ଯଦି ସତ ହୋଇଥାନ୍ତା, ତେବେ କେଉଁ ଗାଁରେ କେଉଁ ତାରିଖରେ କାହାଙ୍କୁ ନେଇ ଏପ୍ରକାର ବୈଠକ ହୋଇଛି, ତହିଁର ସବିଶେଷ ସୂଚନା ବିବରଣୀରେ ସ୍ଥାନ ପାଇଥାନ୍ତା , ଏବଂ ପୁଣି ସେଦିନ ଜଣାଶୁଣାଣିରେ ପ୍ରାୟ ପ୍ରତି ବକ୍ତା ଅଭିଯୋଗ ସ୍ୱରରେ କହିନଥାନ୍ତେ, ପୋସ୍କୋ ଆମ ଅଞ୍ଚଳକୁ ଆସି ଆମ ସହିତ ସିଧାସଳଖ କଥାବାର୍ତ୍ତା କରିନାହିଁ କାହିଁକି ? ରିପୋର୍ଟ ପ୍ରସ୍ତୁତି ପାଇଁ ପୋସ୍କୋ କମ୍ପାନୀ  ଦ୍ୱାରା ନିୟୋଜିତ ଏମ୍.ଏନ୍.ଦସ୍ତୁର୍ କମ୍ପାନୀ ଜାଣିଶୁଣି ନିଜେ ଏଭଳି ଖାଣ୍ଟିମିଛ ପରିବେଷଣ କରିଛି ନା କମ୍ପାନୀର ପ୍ରରୋଚନାରେ କରିଛି  ? ଯାହାବି ହେଉ, ଉଭୟ କେନ୍ଦ୍ର ଓ ରାଜ୍ୟସରକାରଙ୍କ ସଂପୃକ୍ତ କର୍ତ୍ତୃପକ୍ଷଗଣ ଏଭଳି ଏକ ମିଥ୍ୟାଶ୍ରୟୀ ବିବରଣୀକୁ ଜନଶୁଣାଣି ପାଇଁ ଅନୁମୋଦନ କଲେ କେମିତି ?

### ପୋସ୍କୋ ରିପୋର୍ଟ କିଏ ଲେଖିଛି ?

ଆଗରୁ ସୂଚୀତ ହୋଇଛି ଯେ, ବିଜ୍ଞପ୍ତି-୨୦୦୬ରେ ପରିପାର୍ଶ୍ୱିକ ପ୍ରଭାବ ଅନୁଧ୍ୟାନର ରିପୋର୍ଟର ରୂପରେଖ କ'ଣ ହେବ, ତହିଁର ଏକ ଆଦର୍ଶ ଢାଞ୍ଚା ପରିଶିଷ୍ଟ-୩ ରେ ସ୍ଥାନିତ ହୋଇଛି । ଏହାର ଶେଷ, ଅର୍ଥାତ୍ ଦ୍ୱାଦଶ ସ୍ତମ୍ଭ ଅନୁଯାୟୀ ଅନୁଧ୍ୟାନ ପ୍ରକ୍ରିୟାରେ ନିୟୋଜିତ ହୋଇଥିବା ପ୍ରତି ବିଶେଷଜ୍ଞଙ୍କ ନାମ ଏବଂ ଯୋଗ୍ୟତା ସହିତ ତାଙ୍କ ଦ୍ୱାରା ସମ୍ପାଦିତ କାର୍ଯ୍ୟ ସମ୍ବନ୍ଧରେ ସଂକ୍ଷିପ୍ତ ସୂଚନା ରିପୋର୍ଟର ଏକ ଅଂଶବିଶେଷ ରୂପେ ଉଲ୍ଲେଖ କରାଯାଇଥିବ । କିନ୍ତୁ ବଡ ବିସ୍ମୟର କଥା, କେବଳ ବନ୍ଦର ସଂବନ୍ଧୀୟ ରିପୋର୍ଟରେ ଜାତୀୟ ସାମୁଦ୍ରିକ ଗବେଷଣା ପ୍ରତିଷ୍ଠାନ, ଗୋଆ ତରଫରୁ ନିଯୁକ୍ତ ହୋଇଥିବା ବିଶେଷଜ୍ଞମାନଙ୍କ ନାମ ଓ ଉପାଧି ସୂଚୀତ ହୋଇଥିବା ବେଳେ ପୋସ୍କୋ ପ୍ରସ୍ତାବ ସମ୍ବନ୍ଧରେ ମୂଳ ରିପୋର୍ଟ, ଯାହାକି ଇସ୍ପାତ କାରଖାନା ଓ ଅନ୍ୟାନ୍ୟ ଆନୁଷଙ୍ଗିକ ଉପ-ପ୍ରକଳ୍ପ (ଯଥା- କୋଇଲା ଓ ଲୁହା ଖଣି, ରେଳଲାଇନ୍, ରାଜପଥ ଓ ଜଳ ପରିବହନ ଇତ୍ୟାଦି) ସମ୍ବନ୍ଧରେ ପ୍ରସ୍ତୁତ ହୋଇଛି, ସେଥିରେ ଏହାର ବିଶେଷଜ୍ଞ କି ଲେଖକମାନଙ୍କ ନାମ ନାହିଁ । ସେହିପରି, ଓଡିଆ ସାରାଂଶ ବିବରଣୀ, ଯେଉଁଥିରେକି ପାନଚାଷ ବଦଳରେ ଗୁଆଚାଷ ସଂପୃକ୍ତ ଅଞ୍ଚଳରେ ଲୋକପ୍ରିୟ ବୋଲି ବାରମ୍ବାର କୁହାଯାଇଛି, ତାକୁ କିଏ ପ୍ରସ୍ତୁତ କରିଛନ୍ତି, ତାଙ୍କର ନାମ ସେଥିରେ ନାହିଁ । ଯିଏ ପ୍ରସ୍ତୁତ କରିଥାଆନ୍ତୁ ନା କାହିଁକି, ତାଙ୍କର ସେ ଅଞ୍ଚଳ ସମ୍ବନ୍ଧରେ ତିଳେମାତ୍ର ଧାରଣା ନାହିଁ ବୋଲି ଜନଶୁଣାଣିର ବକ୍ତାମାନେ ସେଦିନ ସାବ୍ୟସ୍ତ କରିସାରିଛନ୍ତି ।

### ପ୍ରତି ପ୍ରକଳ୍ପ ପାଇଁ ସ୍ୱତନ୍ତ୍ର ଜନଶୁଣାଣି ଜରୁରୀ

ପାଠକେ ଜାଣିଥିବେ, କୁଜଙ୍ଗର ଜନଶୁଣାଣି ଜଟାଧାର ମୁହାଣ ଠାରେ ପୋସ୍କୋ ପ୍ରସ୍ତାବିତ ୨ଟି ପ୍ରକଳ୍ପ, ଯଥା- ଇସ୍ପାତ କାରଖାନା ଓ ସାମୁଦ୍ରିକ ବନ୍ଦର ପାଇଁ ଡକାଯାଇଥିଲା । କହିବା ବାହୁଲ୍ୟ, ଏହି ୨ଟି ପ୍ରକଳ୍ପ ଗୋଟିଏ ଅଞ୍ଚଳରେ ସ୍ଥାପିତ ହେବାକୁ ଥିଲେ ହେଁ, ପ୍ରତିଟିର ପରିବେଶୀୟ ପ୍ରଭାବ ଅଲଗା ଧରଣର; ଗୋଟିକର ପ୍ରଭାବ ମୂଳତଃ ସ୍ଥଳଭାଗ ଉପରେ ପଡିବା ବେଳେ ଅନ୍ୟଟିର ଜଳଭାଗ ଉପରେ । ଏବଂ ଏହି କାରଣରୁ ହିଁ ୨ଟି ପ୍ରକଳ୍ପ ଉପରେ ୨ଟି ଅଲଗା ଅଲଗା ପରିପାର୍ଶ୍ୱିକ ପ୍ରଭାବ ଅନୁଧ୍ୟାନ ବିବରଣୀ ପ୍ରସ୍ତୁତ କରାଯାଇଛି । ତେଣୁ ଦୁଇଟି ଉପରେ ଅଲଗା ଅଲଗା ଜନଶୁଣାଣି ଆୟୋଜନ କରିବାର ଉଚିତ୍ ଥିଲା । ଦୁଇଟିକୁ ମିଶାଇ ମାତ୍ର ୩ଘଣ୍ଟା ଭିତରେ ଗୋଟିଏ ଜନଶୁଣାଣି ସାରିଦେବା ଫଳରେ ଯେଉଁ ସୀମିତ ସଂଖ୍ୟକ ବକ୍ତାମାନେ କହିଲେ, ସେମାନଙ୍କର ଅନେକ ଗୁଡିଏ ମତାମତ ଅପ୍ରକାଶିତ ରହିଗଲା, ଏବଂ ସର୍ବୋପରି ସେହି ଅଞ୍ଚଳ ତଥା ରାଜ୍ୟର ଅନ୍ୟ ପ୍ରାନ୍ତରୁ ଆସିଥିବା ଅନେକ ବ୍ୟକ୍ତି ନିଜ ବକ୍ତବ୍ୟ ପେଶ୍ କରିବା ପାଇଁ ମୋଟେ ସୁଯୋଗ ପାଇଲେ ନାହିଁ, ଯଦିଓ ଆଇନତଃ ସେମାନଙ୍କୁ ଏହି ସୁଯୋଗ ମିଳିବା କଥା (ଦ୍ରଷ୍ଟବ୍ୟ- ପରିଶିଷ୍ଟ୪, ଅନୁଚ୍ଛେଦ ୬.୪) । ଏହାଛଡା, ଓଡିଆ ସାରାଂଶର ପୃଷ୍ଠା-୨୫ର ଅନୁଚ୍ଛେଦ-୨୨ରେ ସୂଚୀତ ହୋଇଛି ଯେ, ୮୬ କି.ମି. ଦୂରରେ ଅବସ୍ଥିତ କଟକର ଜୋବ୍ରା ଆନିକଟରୁ ଘଣ୍ଟାକୁ ୧,୮୯୫ ଘନମିଟର ପରିମାଣର ଜଳ ପାଇପ୍ ଲାଇନ୍ ଯୋଗେ ଜଟାଧାର ମୁହାଣକୁ ଅଣାଯିବ, ଏବଂ ଏଥିପାଇଁ ପୋସ୍କୋ କମ୍ପାନୀ ରାଜ୍ୟ ସରକାରଙ୍କ ଜଳସମ୍ପଦ ବିଭାଗ ଠାରୁ ଅନୁମତି ଆଣିସାରିଛି । କିନ୍ତୁ ଏଠାରେ ପ୍ରଶ୍ନ ଉଠୁଛି, ଯୋବ୍ରା ଜଳଭଣ୍ଡାର ଉପରେ ଜଳସେଚନ ପାଇଁ ନିର୍ଭର କରୁଥିବା ଅବିଭକ୍ତ କଟକ ଜିଲ୍ଲାର ବ୍ୟାପକ ସଂଖ୍ୟକ ଚାଷୀମାନଙ୍କ ଠାରୁ ଜନଶୁଣାଣି ନକରି ସରକାର ଏହି ଅନୁମତି ଦେଲେ କିପରି  ? ସେହିପରି ରାଜ୍ୟର କୋଇଲା ଓ ଲୁହାଖଣିକୁ ଲିଜ୍ ଦେବା ତଥା ରେଳପଥ ଓ ରାଜପଥ ନିର୍ମାଣ କରିବା ଭଳି ଯେଉଁସବୁ ଅନ୍ୟ ଆନୁଷଙ୍ଗିକ ପ୍ରକଳ୍ପମାନ ବିଷୟରେ ପୋସ୍କୋ ରିପୋର୍ଟରେ ସୂଚୀତ ହୋଇଛି, ସେଗୁଡିକ ଭିତରୁ ପ୍ରତିଟି ପ୍ରକଳ୍ପ ଉପରେ ଅଲଗା ଅଲଗା ପରିବେଶୀୟ ପ୍ରଭାବ ଅନୁଧ୍ୟାନ କରାଯାଇ ଅଲଗା ଅଲଗା ଜନଶୁଣାଣି ଆୟୋଜନ କରିବା ଆଇନତଃ ଜରୁରୀ । କାରଣ, ବିଜ୍ଞପ୍ତି-୨୦୦୬ ପ୍ରକଳ୍ପ-ସମ୍ବନ୍ଧିତ  ଜନଶୁଣାଣି ବିଷୟ ଅବତାରଣା କଲାବେଳେ ପ୍ରକଳ୍ପ ଶବ୍ଦକୁ ଏକବଚନରେ ବ୍ୟବହାର କରିଛି, ବହୁବଚନରେ ନୁହେଁ [ଦ୍ରଷ୍ଟବ୍ୟ- ଅନୁଚ୍ଛେଦ ୭, ପର୍ଯ୍ୟାୟ ୩(୧)] । ଏବଂ ସର୍ବୋପରି, ବିଜ୍ଞପ୍ତି-୨୦୦୬ ଅନୁଯାୟୀ, ଏକ ସୁସଂପୂର୍ଣ୍ଣ ପରିବେଶୀୟ ପ୍ରଭାବ ଅନୁଧ୍ୟାନ ଚିଠା-ବିବରଣୀର ଆଧାରରେ ଜନଶୁଣାଣି ଡକାଯିବା କଥା, କ୍ଷିପ୍ର ବା ଦ୍ରୁତ ବିବରଣୀ ଉପରେ ନୁହେଁ, ଯାହାକି ପୋସ୍କୋ କ୍ଷେତ୍ରରେ ଉଲ୍ଲଂଘନ ବଶତଃ କରାଯାଇଛି ।

**Chitta Behera, 4A Jubilee Tower, Choudhury Bazar, Cuttack-9, PH: 9861091455/9437577546, dt 23.4.2007**